## ଡାଳ ପଡ଼ି ୩ ନାବାଳକ ଆହତ

ଆନନ୍ଦପୁର,(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରଠାରେ ଏକ ଦୋକାନ ନିକଟରେ ଛିଡ଼ାହୋଇଥିବା ୩ ନାବାଳକଙ୍କ ଉପରେ ଅଶ୍ୱତ୍ଥ ଗଛ ଡାଳ ପଡ଼ିବାରୁ ଆହତ ହୋଇଛନ୍ତି। ଏଥିରେ ଦୋକାନ ସମେତ ନିକଟରେ ଥିବା ଏକ ସାଇକେଲ ଭାଙ୍ଗିଯାଇଛି। ଖବରପାଇ ଆନନ୍ଦପୁର ଅଗ୍ନିଶମ ଅଧିକାରୀ ପ୍ରତାପ ସିଂହଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ରାସ୍ତା ସଫା କରିବା ସହିତ ଆହତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଜବତ

ମୋରଡା,୪।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ରାଜାବନ୍ଧରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ହଳଦୀପାଳ ଗ୍ରାମର ରମେଶ ମହାନ୍ତ। ସୂଚନା ଅନୁଯାୟୀ, ଶନିବାର ରମେଶ ଘରୁ ବାହାରି ଆସିଥିଲେ। ସନ୍ଧ୍ୟାରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳିପାରି ନ ଥିଲା। ରବିବାର ସକାଳେ ସ୍ଥାନୀୟ ଲୋକେ ବନ୍ଧ ପାଣିରେ ତାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପରେ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ କଣ୍ଟେନର ଡ୍ରାଇଭର ମୃତ

କୁଳିଅଣା,୪।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ମାଛକାନ୍ଦଣାଛକଠାରେ ରବିବାର ପୂର୍ବାହ୍ନରେ ଏକ ଦୁର୍ଘଟଣାରେ ଜଣେ କଣ୍ଟେନର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିହାର ସମୀରପୁର ଅଞ୍ଚଳର ଭିକାରୀ ରାୟ। ଡମ୍ପର ଡ୍ରାଇଭର ବାଙ୍ଗରିପୋଷି ଥାନା ଅଧୀନ ଷ୍ଟେଶନ ଛକ ବୁଢ଼ାମରାଗ୍ରାମର ସାଇବା ବାସ୍କେ ଏବଂ ହେଲପର ସୋରଳ ମୁର୍ମୁ ଗୁରୁତର ଅବସ୍ଥାରେ ବାରପଦା ସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି ହେଇଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ଭୋଗରାଇ, ୪।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ରସିଦପୁର ଗ୍ରାମର ଆଦର୍ଶ ଶିକ୍ଷକ, ସାମାଜିକ କର୍ମୀ, କ୍ରୀଡା, ସଙ୍ଗୀତ, ସଂସ୍କୃତି ଓ ସାମାଜିକ ସଙ୍ଗଠକ ବରଦାକାନ୍ତ କର(୭୬) ଶନିବାର ରାତିରେ ବାଲେଶ୍ୱରସ୍ଥିତ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ବରଦାକାନ୍ତ ପ୍ରଥମେ ଅଲାଲବିନ୍ଧା ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରିବା ସହ ଈଶ୍ୱରପୁର ଉ.ପ୍ରା. ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ, ସାଂସ୍କୃତିକ ସଙ୍ଗଠନ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ବିଶେଷକରି ଗୋବର୍ଦ୍ଧନପୁରସ୍ଥିତ ଝଗଡ଼େଶ୍ୱର ମନ୍ଦିର ନିର୍ମାଣ ଓ ରସିଦପୁର ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ଭୋଗରାଇର ଘରେ ଘରେ ବୁଲି ଆର୍ଥିକ ଅନୁଦାନ ସଂଗ୍ରହରେ ତାଙ୍କର ଅଧ୍ୟାତ୍ମ ଜୀବନ ପ୍ରତି ଅଙ୍ଗୀକାରବଦ୍ଧତା ପରିସ୍ଫୁଟ ଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁତ୍ର ବିପିନ କନ୍ୟା ପ୍ରମିଳା, ସଲିଳା, କମଳା, ଜ୍ୱାଇଁ ଗୌତମଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଏହି ଶିକ୍ଷକଙ୍କ ମୃତ୍ୟୁରେ ବିଧାୟକ ଅନନ୍ତ ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା, ଆଶିଷ କୁମାର ପାତ୍ର, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ବ୍ୟଙ୍ଗ କବି ଶ୍ରୀକୁମାର ଘୋଷ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଆପ୍ରୋଚ ରୋଡ୍ ନାହିଁ, କାମରେ ଆସୁନି ସେତୁ

ଧାମନଗର, ୪।୬(ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତ ଦେଇ ବହି ଯାଇଥିବା ଗେଙ୍ଗୁଟି ନଦୀ ଉପରେ ଥିବା ପୁରୁଣା ସେତୁ ଦୁର୍ବଳ ହୋଇ ପଡ଼ିବା ଓ ବନ୍ୟା ସମୟରେ ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସରକାର ୧୦ କୋଟି ଟଙ୍କା ଖର୍ଚ୍ଚ କରି ଆଉ ଏକ ଉଚ୍ଚ ସେତୁ ପୁରୁଣା ପୋଲ ନିକଟରେ ନିର୍ମାଣ କଲେ। ଦୁଇବର୍ଷ ତଳୁ ନିର୍ମାଣ କାମ ସରିଥିଲେ ମଧ୍ୟ ଆଜି ଯାଏ ତାହା ସର୍ବସାଧାରଣଙ୍କ ଯାତାୟାତ ପାଇଁ ଉତ୍ସର୍ଗ ହୋଇପାରି ନାହିଁ। ଦୁଇପାର୍ଶ୍ୱ ଆପ୍ରୋଚ ରୋଡ୍ ନିର୍ମାଣ କରାଯାଇ ନ ଥିବାରୁ ସେତୁ କାମରେ ଆସୁନାହିଁ।

ଗେଙ୍ଗୁଟି ନଦୀରେ ବଡ଼ ବନ୍ୟା ଆସିଲେ ଏଠାରେ ଥିବା ପୁରୁଣା କଂକ୍ରିଟ ସେତୁ ବୁଡ଼ିଯାଏ। ଫଳରେ ଦୋବଲ ଜୋନ୍‌ର ୫ ପଞ୍ଚାୟତର ଲୋକେ ଧାମନଗର କିମ୍ବା ଦୋବଲ ବଜାରକୁ ଆସିପାରନ୍ତି ନାହିଁ। ବନ୍ୟା ସମୟରେ ବ୍ଲକ ହେଡକ୍ୱାର୍ଟରଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ହୋଇପାରେ ନାହିଁ। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ଏଠାରେ ଏକ



ଗେଙ୍ଗୁଟି ନଦୀ ସେତୁର ଆପ୍ରୋଚ୍ ରୋଡ୍ ନାହିଁ।

ଉଚ୍ଚ ସୋପାନ ସେତୁ ପାଇଁ ତତ୍କାଳୀନ ବିଧାୟକଙ୍କୁ ଅନୁରୋଧ କରିଥିଲେ। ୨୦୧୮ ଜାନୁୟାରୀ ୩୦ରେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ୬୭ ଲକ୍ଷ ୫୫ ହଜାର ୨୪୭ ଟଙ୍କା ବ୍ୟୟ ବରାଦ ହୋଇ ୨୦୧୮ ଶେଷାର୍ଦ୍ଧରେ କାମ ଆରମ୍ଭ ହୋଇଥିଲା। ୨୦୨୧ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ସେତୁର ଉଭୟପାର୍ଶ୍ୱ ଅର୍ଥାତ୍ ଦକ୍ଷିଣରେ କୋରକଦା ଓ ଉତ୍ତରରେ ଦୋବଲ ବଜାର ପଟେ ଆପ୍ରୋଚ ରୋଡ ନିର୍ମାଣ ନେଇ ସମସ୍ୟା ଉପୁଜିଛି। କୋରକଦା ପଟେ ପୋଲ ମୁଣ୍ଡରେ ଥିବା ବେସରକାରୀ ଜମିକୁ କିଣିବା ଲାଗି ମାଲିକଙ୍କର ପୂର୍ତ୍ତ ବିଭାଗ ସହ ବୁଝାମଣା ସରିଛି। କିନ୍ତୁ ରେଜିଷ୍ଟ୍ରେଶନରେ ସମସ୍ୟା ଯୋଗୁ ଆପ୍ରୋଚ ରୋଡ୍ ତିଆରି ହୋଇପାରୁ ନାହିଁ। ସେହିପରି ଉତ୍ତର ପଟେ ପୋଲ ମୁଣ୍ଡରେ ଥିବା ଜମି ମାଲିକ ଜାଗା ଦେବାକୁ ରାଜି ହେଉନାହାନ୍ତି। ପୂର୍ବତନ ତହସିଲଦାର ଓ ଧାମନଗର ଶାନ୍ତି କମିଟି ସଦସ୍ୟମାନେ ବସି ଏନେଇ ତାଙ୍କ ସହ ଆଲୋଚନା ପରେ ଜାଗା ଦେବାକୁ ରାଜି ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ହାଇକୋର୍ଟରେ ମାମଲା ରୁଜୁ କରି ଜମି ଉପରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ନ କରିଦେବାକୁ ସ୍ଥଗିତାଦେଶ ଆଣିଛନ୍ତି। ସେପଟେ ଠିକାଦାର ଆଉ ଅପେକ୍ଷା ନ କରି ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପକାଇବା ଲାଗି ପୂର୍ତ୍ତ ବିଭାଗକୁ ଅନୁମତି ମାଗିଥିବା ଜଣାପଡ଼ିଛି।

ଏନେଇ ପୂର୍ବରୁ ଥିବା ତହସିଲଦାର କହିଥିଲେ, ସ୍ଥାନୀୟ ଲୋକ, ଜମି ମାଲିକ ଓ ଶାନ୍ତି କମିଟି ସଦସ୍ୟଙ୍କ ସହ ଆଲୋଚନା କରି ସମାଧାନ କରାଯିବ। ବର୍ତ୍ତମାନ ପାଇଁ ପୋଲର ଉଭୟପାର୍ଶ୍ୱରେ ମାଟି ପକାଇ ଅସ୍ଥାୟୀ ରାସ୍ତା କରିଦେଲେ ବନ୍ୟା ବେଳେ ଯୋଗାଯୋଗ ସମ୍ଭବ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଚଳିତବର୍ଷ ଫେବୃୟାରୀରେ ଜିଲାପାଳ ପରିଦର୍ଶନ କରିବାକୁ ଆସିଥିବା ବେଳେ ୧୫ଦିନ ମଧ୍ୟରେ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ଏହାମଧ୍ୟରେ ୪ମାସ ବିତି ଯାଇଥିଲେ ମଧ୍ୟ ସମାଧାନ ଦିଗରେ କାହାରି ଆନ୍ତରିକତା ଦେଖାଯାଉ ନାହିଁ। ତେବେ ଜିଲା ପ୍ରଶାସନ ଏଠାରେ ସେତୁ ନିର୍ମାଣ ପୂର୍ବରୁ ଆନୁଷଙ୍ଗିକ କାର୍ଯ୍ୟ ନସାରି କେଉଁ ସ୍ୱାର୍ଥରେ ନିର୍ମାଣ କରିଥିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ବର୍ଷା ଋତୁ ଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସ୍ନାନଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

ମୋରଡ଼ା/ ଗୋପବନ୍ଧୁ ନଗର/ ଉଦଳା/ ବାଙ୍ଗିରିପୋଷି/ରାଇରଙ୍ଗପୁର,୪।୬(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ମୋରଡ଼ା ବ୍ଲକ ଚିତ୍ରଡାସ୍ଥିତ ପ୍ରସିଦ୍ଧ ଧର୍ମକ୍ଷେତ୍ର ପରିସରରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବରେ ଜୟପ୍ରକାଶ ରାଉଳ ଛେରା ପହଁରା କରିଥିଲେ। ପୂଜାରୀ ପ୍ରତାପ ମହାନ୍ତ, ଅଜୟ କୁମାର ପାଳ, ଅନିରୁଦ୍ଧ ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ସମବେତ ହୋଇଥିଲେ।

ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ଆରପଟା ପଞ୍ଚାୟତର ଖିରିପଦା ହରିବଳଦେବ ଜୀଉ ମହାପ୍ରଭଙ୍କ ସ୍ନାନ ଯାତ୍ରାରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପୂଜକ ପ୍ରମୋଦ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ନାନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୁଆମରାସ୍ଥିତ ନୃସିଂହ ଜୀଉ ମନ୍ଦିର, ପୁରୁଣା ବାରିପଦା, ଜୟପୁର, ବରଡିହି, ଅଛଡ଼ା, ସାନବେଲାକୁଟି, ସାଇଁକୁଳା, କୁଶଳଦା ଓ ଖୁଣ୍ଟା ପ୍ରଭୃତି ସ୍ଥାନରେ ମଧ୍ୟ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଉଦଳା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ରତିକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଯାତ୍ରା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଗଜାନନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର କମିଟି ସଭାପତି ସୋମନାଥ ସାହୁ, ସମ୍ପାଦକ ଲକ୍ଷ୍ମଣ ନାୟକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

ବାଙ୍ଗିରିପୋଷିସ୍ଥିତ ଆଦ୍ୟେଶ୍ୱର ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ଶ୍ରୀକାନ୍ତ ହୋତା, ସଞ୍ଜୟ ଅଗ୍ରୱାଲ, ବିଶ୍ୱଜିତ ସାହୁ, ଆକାଶ ମହୋତା, ଅଜୟ ମହାନ୍ତି, ବାପି ମହାପାତ୍ର, ରୋହିତ ରାଏ, ପ୍ରୀତିଶ ମହାନ୍ତ, ହୃଦାନନ୍ଦ ବେହେରା, ରିଙ୍କୁ ଖଣ୍ଡେଲୱାଲ,ଦିବ୍ୟପ୍ରକାଶ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବ୍ଲକର ମଣଦା, ଶ୍ୟାମସୁନ୍ଦରପୁର, ଚନ୍ଦନପୁର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଯାଇଛି।

ରାଇରଙ୍ଗପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଶେଷ ହୋଇଛି। ଏହି ଅବସରରେ ବିଧାୟକ ନବଚରଣ ମାଝି, ଜଗନ୍ନାଥ ମନ୍ଦିର ରଥ କମିଟି ଅଧକ୍ଷ ତଥା ନଗରପାଳ ଅଭିଷେକ ପଟ୍ଟନାୟକ, ମନ୍ଦିର ଓ ରଥ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ



ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସଦସ୍ୟ।

ଲଙ୍ଗଳେଶ୍ୱର, ୪।୬(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ରତାଇ ଜୋନର ବୈଠକ ପଞ୍ଚୁପାଲି ପ୍ରାଥମିକ ବିଦ୍ୟାଳୟର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରାକ୍ତନ ଶିକ୍ଷକ କେଶବ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ସାଧାରଣ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ ଯୋଗଦେଇ ସଂଘ ସମସ୍ତ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ସଂଘ ବରିଷ୍ଠ ନେତା ଅନାଦି ଚରଣ ପ୍ରଧାନ, ବେଣୁଧର ଗିରି, ବିଷ୍ଣୁପଦ ଗିରି, ଅଜୟ ଚରଣ ଦାସ, ଭାରତ ଚନ୍ଦ୍ର ବେହେରା, ବୈକୁଣ୍ଠ ଚରଣ ପାଢ଼ୀ, ରୁକ୍ମଣୀ ଗିରି, ଆନନ୍ଦ ପ୍ରାମାଣିକ, ସଚିନ୍ଦ୍ର ଦାସ, ମାନଗୋବିନ୍ଦ ଗିରି ପ୍ରମୁଖ ଯୋଗଦେଇ ସଂଘର ୭ ଦଫା ଦାବି ବିଷୟରେ ଆଲୋଚନା କରିବା ସହିତ ଖୁବ୍‌ଶୀଘ୍ର ସରକାର ଦାବି ପୂରଣ ନ କଲେ ଅବସରପ୍ରାପ୍ତ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ୮୦ବର୍ଷ ବୟସ୍କ ପ୍ରାକ୍ତନ ଶିକ୍ଷକ ହରେକୃଷ୍ଣ ଗିରିଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଙ୍ଗଠନ ସମ୍ପାଦକ ନରସିଂହ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରତାଇ ଜୋନର ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗଦେଇଥିଲେ।

# ହରିଜନ ସ୍ମାରକୀ ସଭା ସ୍ଥଗିତ

ଭଦ୍ରକ ଅଫିସ, ୪।୬

ବାହାନଗାଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ପାଇଁ ଆସନ୍ତା ୬ ତାରିଖରେ ଭଦ୍ରକ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ହେବାକୁ ଥିବା ହରିଜନ ସ୍ମାରକୀ ସଭା ସ୍ଥଗିତ ରଖାଯାଇଛି। ଶନିବାର ସନ୍ଧ୍ୟାରେ ମଞ୍ଚର ସଭାପତି ଶାନ୍ତନୁ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଟ୍ରେନ୍ ଦୁର୍ଘଟଣାରେ ମୃତକମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ଉଦ୍ଦେଶ୍ୟରେ ହେବାକୁ ଥିବା ସ୍ମାରକୀ ସଭାକୁ ସ୍ଥଗିତ ରଖାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ରେଳ ଦୁର୍ଘଟଣାରେ ବହୁ ଆହତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ନିମନ୍ତେ ଆବଶ୍ୟକ ରକ୍ତ ଯୋଗାଡ଼ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗାନ୍ଧୀ ବିଚାର ମଞ୍ଚର କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି। କେବଳ ୬ ତାରିଖ ସକାଳ ୮ଟା ବେଳେ ଗାନ୍ଧୀପଡ଼ିଆସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ଦିବସକୁ ପାଳନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ମଞ୍ଚର ସମ୍ପାଦକ ସୁଧାକର ରାଉତ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଲଲାଟେନ୍ଦୁ ମହାନ୍ତି, ହରମୋହନ କୁଅଁର, ତ୍ରୈଲୋଚନ ବେହୁରିଆ, ଜଗନ୍ନାଥ ରାଉତ, କ୍ଷୀରୋଦ ମିଶ୍ର, ଆଦିତ୍ୟ ଗୋସ୍ୱାମୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ମହାସ୍ନାନ



ସ୍ନାନ ମଣ୍ଡପରେ ଶ୍ରୀ ବଳଭଦ୍ର, ଦେବୀ ଶୁଭଦ୍ରା, ପ୍ରଭୁ ଜଗନ୍ନାଥ।

ପାଟଣା/ଢେଙ୍କିକୋଟ/ଚମ୍ପୁଆ/ଯୋଡ଼ା/ ଆନନ୍ଦପୁର,୪।୬(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ଦଧିବାମନ ଜିଉଙ୍କ ସ୍ନାନଯାତ୍ରା ରବିବାର ସମ୍ପନ୍ନ ହୋଇଛି। ମହାସ୍ନାନ, ପୂଜା ବିଧି ପରେ ଗଜାନନ ବେଷ ଓ ସନ୍ଧ୍ୟାରେ ଶ୍ରୀଜିଉଙ୍କ ଅଣସର ଗୃହକୁ ବିଜେ କରାଯାଇଥିଲା। ପ୍ରଦୀପ ମିଶ୍ର, ଦୁର୍ଯ୍ୟୋଧନ ମିଶ୍ର, ସତ୍ୟାନନ୍ଦ ପଣ୍ଡା, ପ୍ରଦୀପ ପାଣି, ବିରଞ୍ଚି ମିଶ୍ର, ଗୋପୀନାଥ ପଣ୍ଡା ଦେବନୀତି ସମ୍ପନ୍ନ କରିଥିଲେ। ଅକ୍ଷୟ ନାରାୟଣ ମିଶ୍ର, ସତ୍ୟନାରାୟଣ ମିଶ୍ର, ରଜନୀକାନ୍ତ ମିଶ୍ର ଓ ବିଭିନ୍ନ ନିଯୋଗର ସେବାୟତମାନେ ସହଯୋଗ କରିଥିଲେ। ଅନୁରୂପ ମୃଷାଖରୀ ପଞ୍ଚାୟତ ମଲ୍ଲୀପଶିସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୂଳମଣି ଷଡ଼ଙ୍ଗୀ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ପାର୍ଥସାରଥୀ ବେଜ ଦେବନୀତି ସମ୍ପାଦନ କରିଥିଲେ। ସ୍ଥାନୀୟ ରାଜା ରବିନାରାୟଣ ସିଂ, ମୃଷାଖରୀ ସରପଞ୍ଚ ଭାମାମଣି ଦାସ, ଦମୟନ୍ତୀ ନାଏକଙ୍କ ତତ୍ତ୍ୱାବଧାନରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

ଢେଙ୍କିକୋଟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦେବସ୍ନାନ ପର୍ବ ପାଳିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ଓ ରଥ ପରିଚାଳନା କମିଟିର ସଭାପତି ଦିଗାମ୍ବର ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ରାମଚନ୍ଦ୍ର ସାହୁ, ଇଂ ସୁଭାଶିଷ ମଣ୍ଡଳ, ରାକେଶ ମଣ୍ଡଳ, ଅଭିମନ୍ୟୁ ପଲେଇ, ନୀଳମଣୀ ମଣ୍ଡଳ ସଂକଳ୍ପରେ ବସିଥିବା ବେଳେ ପୂଜକ କଳାକର ପଣ୍ଡା ପୂଜା କରିଥିଲେ। ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀ ବଳଭଦ୍ର, ଦେବୀ ଶୁଭଦ୍ରା, ପ୍ରଭୁ ଜଗନ୍ନାଥ ଓ ପ୍ରଭୁ ସୁଦର୍ଶନ ରତ୍ନବେଦୀରୁ ସ୍ନାନ ମଣ୍ଡପକୁ ଆସିଥିଲେ। ସେଠାରେ ଔଷଧୀ ୧୦୮ ଗରା ପାଣିରେ ସ୍ନାନ କରିଥିଲେ। ସ୍ନାନ ପରେ ମହାପ୍ରଭୁ ଅଣସର ଗୃହକୁ ପ୍ରବେଶ କରିଥିଲେ। କମିଟିର ଉପଦେଷ୍ଟା ପ୍ରଫେସର ଯୁଗୋଳ କିଶୋର ଦାସ, କୁଳମଣି ମଣ୍ଡଳ, ଅନାଦି ସିଂହ, ଅଲେଖ ଚନ୍ଦ୍ର ସିଂହ, ପ୍ରଫୁଲ୍ଲ ସିଂହ, ରାମଚନ୍ଦ୍ର ସାହୁ, ସୁଶାନ୍ତ ମଣ୍ଡଳ, ପଞ୍ଚାନନ ମଣ୍ଡଳ, ସିପୁ ମଣ୍ଡଳ, ଲକ୍ଷ୍ମଣ ମଣ୍ଡଳ, ସୁମନ ମଣ୍ଡଳ, ରାକେଶ ମଣ୍ଡଳ, ବୁଟୀ ମଣ୍ଡଳ ସମେତ ସମ୍ପାଦକ ନିର୍ମଳ ଚନ୍ଦ୍ର ମହାନ୍ତ, ଦୁଷ୍ମନ୍ତ ସାହୁ, ପିଣ୍ଟୁ ସାହୁ, ସମୀର ଲାହା, କ୍ଷେତ୍ରବାସୀ ମହାନ୍ତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଚମ୍ପୁଆ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକଙ୍କ ସଙ୍କଳ୍ପରେ ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ସ୍ନାନ ବେଦୀକୁ ନିଆଯାଇ ସ୍ନାନ କରାଯାଇଥିଲା। ପରେ ତିନି ଦେବତାଙ୍କୁ ଅଣସରଘରକୁ ନିଆଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଧିରେନ ଦାସ, ଭରତ ଚଉଡ଼ା, ସତ୍ୟବାନ କର, ସୁଶାନ୍ତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ପୂର୍ବ ଯୋଡ଼ାଠାରେ ଥିବା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦେବସ୍ନାନ ନୀତି ପାଳିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ପ୍ରଦୀପ ମିଶ୍ର, ନିରଞ୍ଜନ ପଣ୍ଡା, ଚନ୍ଦ୍ରକାନ୍ତ ଶୁକ୍ଳ ଅନ୍ୟ ବ୍ରାହ୍ମଣମାନେ ସହଯୋଗ କରିଥିଲେ। ମନ୍ଦିର କମିଟି ପକ୍ଷରୁ ସଭାପତି ଡାକ୍ତର ଅନୀଲ ଦାସ, ବିଦ୍ୟାଧର ସାହୁ, କୈଳାଶ ନାୟକ, ମନୋରଞ୍ଜନ ଦାସ, ବିଜୟ ଦାସ, ରଞ୍ଜନ ପାଲ, ଭିମ ଶୁକ୍ଳାଙ୍କ ସହ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ଆନନ୍ଦପୁରର ଦାରୁବ୍ରହ୍ମ ଶ୍ରୀ ଦଧିବାମନ ଜିଉ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ସ୍ନାନ ମଣ୍ଡପରେ ୧୦୮ କୁମ୍ଭ କେଶର, କର୍ପୁର, ଚୁଆ, ଚନ୍ଦନ ମିଶ୍ରିତ ଜଳରେ ସ୍ନାନ କରିଥିଲେ। ପରେ ଗଜାନନ ବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତୀ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅଣସର ପିଣ୍ଡିକୁ ନିଆଯାଇଥିଲା। ଦେବୋତ୍ତର ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି ସହଯୋଗରେ ଉତ୍ସବ ପରିଚାଳିତ ହୋଇଥିଲା।

# ଗୁଟ୍‌କା ପ୍ୟାକିଂକୁ କେନ୍ଦ୍ରକରି ସଂଘର୍ଷ, ୪ ଆହତ

## ନୟାଗଡ଼ ରେଳ ସାଇଡିଂରେ ଶ୍ରମିକ ଅଶାନ୍ତି

ଯୋଡ଼ା/ଝୁମ୍ପୁରା,୪।୬(ଡି.ଏନ୍.ଏ.):

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ଼ ରେଳସାଇଡିଂରେ ରେଳ ରେକ୍‌ର ଗୁଟ୍‌କା ପ୍ୟାକିଂକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଘଟଣାରେ ୪ ଆହତ ହୋଇଥିବା ଜଣାପଡ଼ିଛି। ଖବର ନେବାରୁ ଜଣାପଡ଼ିଛି, ଶନିବାର ଉକ୍ତ ସାଇଡିଂରେ ଖଣିଜ ବୋଝେଇ ପାଇଁ ରେଳ ରେକ୍ ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ଲାଗିଥିଲା। ରେକ୍‌ର ଗୁଟ୍‌କା(ଫାଙ୍କ) ପ୍ୟାକିଂ କାର୍ଯ୍ୟ କରିବା ପାଇଁ ୱାର୍କ ଅର୍ଡର ପାଇଥିବା ଜଳପାପୋସି ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ ପ୍ୟାକିଂ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ସ୍ଥାନୀୟ କିଛି ଲୋକ ବିରୋଧ କରି ଶ୍ରମିକ ଶରତ ଚନ୍ଦ୍ର ମହାନ୍ତ, ଧିରେଜ ନାଏକ, ମୋହନ ନାଏକ ଓ ଅନ୍ୟ ଜଣେ ଶ୍ରମିକଙ୍କୁ ମାଡ଼ ମାରିଥିଲେ। ଏ ନେଇ ଶରତ ଚନ୍ଦ୍ର ମହାନ୍ତ ବାମେବାରି ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଅପରପକ୍ଷରୁ ମଧ୍ୟ ପାଲଟା ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ଦୁର୍ଘଟଣା ଚେତାଇଲା ରେଳପଥର ଆବଶ୍ୟକତା

କେନ୍ଦୁଝର,୪।୬(ସ୍ୱ.ପ୍ର.)

ବାହାନଗାଠାରେ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ରେଳପଥରେ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଯାତ୍ରୀଙ୍କ ସୁବିଧା ନିମନ୍ତେ କେନ୍ଦୁଝର ଜିଲା ଦେଇ ପାଖାପାଖି ୧୩ ଟ୍ରେନ୍ କେନ୍ଦୁଝର ଗଡ଼ ଦେଇ ଯାତାୟତ କରୁଛି। ଦୁର୍ଘଟଣାଗ୍ରସ୍ତ ରେଳପଥ ସଜଡ଼ା ନ ଯିବା ପର୍ଯ୍ୟନ୍ତ କେନ୍ଦୁଝର ଦେଇ ଅନେକ ଟ୍ରେନ ଚଳାଚଳ କରିବ ବୋଲି ଜଣାପଡ଼ିଛି। ଏଣୁ ଭୁବନେଶ୍ୱରରୁ ହାୱଡ଼ା ଓ ସେଠାରୁ ଟାଟା ଦେଇ ନୂଆଦିଲ୍ଲୀ ତଥା ଅନ୍ୟାନ୍ୟ ନଗରକୁ ଯାତାୟାତ ନିମନ୍ତେ ବିକଳ୍ପ ଭାବରେ କେନ୍ଦୁଝର ଦେଇ ଯାଇଥିବା ରେଳପଥ କାମ କରୁଛି। ଫଳରେ କେନ୍ଦୁଝରଗଡ଼ ରେଳ ଷ୍ଟେଶନ ଏବେ ଚଳଚଞ୍ଚଳ ହୋଇଉଠିଛି।

ପ୍ରକାଶ ଯେ, ପୂର୍ବରୁ ଦୈନିକ ମାତ୍ର ଦୁଇଟି ଟ୍ରେନ୍ କେନ୍ଦୁଝର ଦେଇ ଚଳାଚଳ କରୁଥିଲା। ଅନ୍ୟ ସମୟରେ ଷ୍ଟେଶନ ଖାଁ ଖାଁ ରହୁଥିଲା। ଉକ୍ତ ଷ୍ଟେଶନ ଉପରେ ନିର୍ଭର କରି ବ୍ୟବସାୟ କରିବାକୁ ଆଗ୍ରହୀ ଲୋକେ ନିରାଶ ହେଉଥିଲେ। ଏହି ବିକଳ୍ପ ରେଳପଥକୁ ଠିକ୍ ଭାବରେ ପ୍ରସ୍ତୁତ କରାଗଲେ ଭୁବନେଶ୍ୱରରୁ ଓ ହାୱଡ଼ା ରେଳପଥ ଉପରେ ରେଳ ଚଳାଚଳର ଚାପ କମିବ। କେନ୍ଦୁଝର ଦେଇ ଯାତାୟାତ କଲେ ଖର୍ଚ୍ଚ ଏବଂ ସମୟ ମଧ୍ୟ କମିବ ବୋଲି କେନ୍ଦୁଝର ଯୁବ ପରିଷଦର ସଦସ୍ୟ ସନ୍ତୋଷ ମହାପାତ୍ର କହିଛନ୍ତି। ଏହାଛଡ଼ା ଷ୍ଟେଶନ ସବୁବେଳେ ଲୋକାରଣ୍ୟ ହେଲେ ବହୁ ଛୋଟ ବ୍ୟବସାୟୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ପାରିବେ ବୋଲି ସେ କହିଥିଲେ। ଏହି ରେଳପଥ ଦେଇ ଭୁବନେଶ୍ୱରରୁ ଟ୍ରେନ୍ ଟାଟା ନଗରକୁ ଯାଇପାରିବ। ଅନ୍ୟପକ୍ଷେ କେନ୍ଦୁଝର ଜିଲା ଦେଇ ଯାଇଥିବା ଜଖପୁରା-ବାଂଶପାଣି ରେଳପଥ ଦେଇ ନୂଆଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ନଗରକୁ ଯାତ୍ରୀବାହୀ ରେଳ ଚଳାଚଳ ନେଇ ଦାବି ହୋଇଆସୁଛି। କିନ୍ତୁ ବିଭିନ୍ନ କାରଣ ଦର୍ଶାଇ ରେଳ ଚଳାଚଳ କରାଯାଉନାହିଁ। ଏବେ କିଭଳି ଏତେ ସଂଖ୍ୟାରେ ଟ୍ରେନ୍ ଚଳାଚଳ କରୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାହାନଗା ରେଳ ଦୁର୍ଘଟଣା କେନ୍ଦୁଝର ଜିଲାରେ ରେଳପଥର ଆବଶ୍ୟକତାକୁ ଜଣାଇଦେଇଛି। କେନ୍ଦୁଝର ଦେଇ ଦୂରଗାମୀ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କଲେ କେନ୍ଦୁଝରବାସୀ ଉପକୃତ ହେବେ। ବ୍ୟବସାୟ ବାଣିଜ୍ୟ ପାଇଁ ଅଧିକ ବାଟ ଫିଟିବ। ତୁରନ୍ତ ରେଳ ଦୋହରୀକରଣ କାମ ସାରି ଦୂରଗାମୀ ଟ୍ରେନ୍ ଚଳାଚଳ କରାଯାଉ ବୋଲି ସ୍ଥାନୀୟ ସାମାଜିକ କର୍ମୀ ବ୍ରଜକିଶୋର ରାୟ କହିଛନ୍ତି।



କେନ୍ଦୁଝରଗଡ଼ ରେଳ ଷ୍ଟେଶନ।

# ଚୋରି ଅଭିଯୋଗରେ ୬ କୋର୍ଟଚାଲାଣ

ଗୋପବନ୍ଧୁ ନଗର,୪।୬(ଡି.ଏନ.ଏ.)

ଖୁଣ୍ଟା ଥାନା ପୋଲିସ ଚୋରି ଅଭିଯୋଗରେ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟା ଥାନା କୁସୁମିଆ ଗ୍ରାମର ତପନ କୁମାର ବାରିକ, ତାଙ୍କ ସ୍ତ୍ରୀ ମମତା, ଘରେ କାମ କରୁଥିବା ସୁକାନ୍ତୀ ପାତ୍ର, ରଣଜିତ ନାୟକ, ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ମିତ୍ରପୁର ବଜାରର ବିଶ୍ୱକର୍ମା ଜୁଏଲେରି ମାଲିକ ଭାଗବତ କମିଳା ଏବଂ କଡ଼ଦା ଗ୍ରାମର ଅଶ୍ୱିନୀ ଦାସ। ଏନେଇ ଥାନାରେ ଏକ ମାମଲା(ନଂ. ୧୩୫/୨୩) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଗତ ୧୧ ତାରିଖ ରାତିରେ ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ଅନ୍ତର୍ଗତ କୁସୁମିଆ ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ରବୀନ୍ଦ୍ର କୁମାର ମଡୁଆଳଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଥିଲେ। ଘରେ ଥିବା ସମସ୍ତ ସୁନା ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ଏନେଇ ରବୀନ୍ଦ୍ର ଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତଙ୍କଠାରୁ ଗୋଟିଏ ସୁନା ମୁଦି ଓ ଏକ ସେଟ କାନଫୁଲ ଉଦ୍ଧାର ହୋଇଥିବା ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା

ବାସୁଦେବପୁର, ୪।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନ ଉତ୍ସବ ପାଳନ କରାଯାଇଛି। ବାସୁଦେବପୁରର ଆରାଧ୍ୟ ଦେବତା ପ୍ରସନ୍ନଦେବଙ୍କ ପୀଠରେ ସେବାୟତମାନେ ସ୍ନାନ ମଣ୍ଡପରେ ପ୍ରସନ୍ନଦେବଙ୍କୁ ସ୍ନାନ କରାଇଥିଲେ। ଭୈରବପୁର-ବଂଶୀପାଟଣାସ୍ଥିତ କଳ୍ପତରୁ ଶିକ୍ଷା ସେବାଶ୍ରମରେ ଥିବା ଜଗନ୍ନାଥ ମନ୍ଦିର, ଗୋପାଳପୁରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ବରଣ୍ଡିଆ, ଏଡ଼ତାଳ, ଆର୍ଦ୍ଧ, ପାଟଣାମିଶ୍ରପୁର, ବେତଡ଼ା ଜଗନ୍ନାଥ ମନ୍ଦିରରେ ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇ ଦୁଗ୍ଧ, ପଇଡ଼ପାଣି, ବାସ୍ନାୟିତ ପାଣିରେ ସ୍ନାନ କରାଯାଇଥିଲା।



ଅନନ୍ତ ବାସୁଦେବ ପୀଠରେ ସ୍ନାନ ଉତ୍ସବ।

## ରାଜନୈତିକ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଘସିପୁରା/ଆନନ୍ଦପୁର,(ଡି.ଏନ୍.ଏ/ସ୍ୱ.ପ୍ର.): କେନ୍ଦୁଝର ଜିଲା ଘସିପୁରା ଥାନା ଦେଓଗାଁର ରାଜୀବ ଲୋଚନ ଜେନାଙ୍କୁ ରେକୁଟିଆର ଧଳିଆପାଣିଠାରେ ରାଜନୈତିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଧଳିଆବଣିଠାରେ ୧୦ ରୁ ଉର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବେ ରାଜୀବଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ଏ ନେଇ ଅଭିଯୋଗ ହୋଇଛି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘସିପୁରା ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ପ୍ରକାଶ କରିଛନ୍ତି।

# ୩ଗୁଣ ଅଧିକ ମୂଲ୍ୟରେ ବିକ୍ରି ହେଉଛି ବାଲି

**ଜଳେଶ୍ୱର, ୪।୬(ଡି.ଏନ୍.ଏ.)**

ଉତ୍ତର ବାଲେଶ୍ୱରରେ ସୁବର୍ଣ୍ଣରେଖା ବାଲିର ଚାହିଦ ରହିଥାଏ। କିନ୍ତୁ ସରକାରଙ୍କ ନୂତନ ନୀତି ଅନୁଯାୟୀ ୨୩ଟି ଯାକ ସଇରାତକୁ ନିଲାମ ଦିଆଯାଇ ନ ଥିବାରୁ ବାଲି ଉତ୍ତୋଳନ ବନ୍ଦ ରହିଛି । ଫଳରେ ଉତ୍ତର ବାଲେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ ରହିଛି। ହେଲେ ବିଳମ୍ବିତ ରାତିରେ ବାଲି ଚୋରାଚାଲାଣୀକାରୀମାନେ ବାଲି ଉତ୍ତୋଳନ କରି ୩ ଗୁଣା ଅଧିକ ମୂଲ୍ୟରେ ବିକ୍ରି କରି ମାଲେମାଲ ହେଉଛନ୍ତି।

ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା, ରାସଗୋବିନ୍ଦପୁର, ରାଇବଣିଆ, ସହିତ ପଶ୍ଚିମ ଓ ପୂର୍ବ ମେଦିନୀପୁର ଜିଲାର ବିଭିନ୍ନ ନିର୍ମାଣ କାର୍ଯ୍ୟରେ ସୁବର୍ଣ୍ଣରେଖା ବାଲି ବ୍ୟବହାର ହୋଇଥାଏ । ଏହିସବୁ ଅଞ୍ଚଳରେ ବାଲି ସଇରାତଗୁଡିକ ପ୍ରାୟ ବନ୍ଦ ରହିଛି । ଚାହିଦାକୁ ଲକ୍ଷ୍ୟ କରି ବାଲି ଚୋରାଚାଲାଣକାରୀମାନେ ବାଲି

**ଚୋରାଚାଲାଣକାରୀଙ୍କ ରାତିଅଧିଆ ଚାଲାଣ**

ଚୋରିରେ ବ୍ୟସ୍ତ ରହିଛନ୍ତି । ପ୍ରତି ଦିନ ରାତିରେ ନଦୀରେ ବିଭିନ୍ନ ଅଞ୍ଚଳରୁ ଚୋରାରେ ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି। ସନ୍ଧ୍ୟା ୭ଟାରୁ ସକାଳ ୬ଟା ଯାଏ ଡମ୍ଫର ଓ ଟ୍ରାକ୍ଟରରେ ବାଲି ପରିବହନ ହେଉଛି । କାଁ, ଭାଁ ସ୍ଥାନରେ ତହସିଲଦାର ଓ ଟାକ୍ସଫୋର୍ସ ଚଡାଉ ଜାରି ରଖିଥିବା ବେଳେ ଚୋରାଚାଲାଣକାରୀମାନେ ଭୟଭୀତ ନ ହୋଇ ଏପରି ଚୋରା ଚାଲାଣରେ ବ୍ୟସ୍ତ ରହୁଛନ୍ତି। ୩ଗୁଣା ଅଧିକ ମୂଲ୍ୟରେ ବାଲି ବିକ୍ରି ହେଉଥିବାରୁ ସରକାରୀ ନିର୍ମାଣ କାର୍ଯ୍ୟ ଠପ୍ ହୋଇଛି। ଅତିଶୀଘ୍ର ବାଲି ସଇରାତଗୁଡିକର ନିଲାମ ହୋଇପାରିଲେ ଚାହିଦା ମେଣ୍ଟାଇବା ସହିତ ପୂର୍ବଭଳି ବ୍ୟାପକ ରାଜସ୍ୱ ସରକାରୀ ତହବିଲକୁ ଆସିପାରିବ। ଏଥିପ୍ରତି ଜିଲାପାଳ ଓ ରାଜସ୍ୱ ବିଭାଗ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ, ଯୁବକ ଗିରଫ

ପଦ୍ମପୁର, ୪।୬ (ଡି.ଏନ.ଏ.)-ଜଣେ ମହିଳାଙ୍କ ବେକରୁ ସୁନାହାର ଝାମ୍ପିନେବା ସହ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଦୁଃଖହରି ଜେନା। ଚୁଡ଼ାମଣି ଗ୍ରାମର ସୁଚିସ୍ମିତା ଦାସ ଗତ ୧ ତାରିଖ ରାତିରେ ଘରେ ଶୋଇଥିବା ବେଳେ ଦୁଃଖହରି ଏକ ରଡ୍ ସାହାଯ୍ୟରେ ଝରକା ଭାଙ୍ଗି ଘରେ ପଶିଯାଇଥିଲେ। ସୁଚିସ୍ମିତାଙ୍କ ବେକରୁ ହାର ଝାମ୍ପି ନେବା ସହ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଥାନାଧିକାରୀ ରୀନା ବାକ୍ସେଲା ଘଟଣାର ତଦନ୍ତ କରି ଦୁଃଖହରିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ତାଙ୍କଠାରୁ ମହିଳାଙ୍କ ଲୁଟ୍ ମୋବାଇଲ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୪୮/୨୩) ରୁଜୁ ହୋଇଛି।

### ଦୁର୍ଘଟଣାରେ ଜଣେ ମୃତ

ବୈଶିଙ୍ଗା,୪।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଟୋଲ୍‌ଗେଟ ନିକଟରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ବେଣାଶୁଳି ଗ୍ରାମର ଚୁନୁ ମୁର୍ମୁ ଓ ସୁନୀଲ ମୁର୍ମୁ ଭଦ୍ରକଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ସେମାନେ ଘରକୁ ଫେରିବା ପାଇଁ ବାରିପଦା ଯାଉଥିବା ଜଣେ ବାଇକ୍ ଚାଳକଙ୍କୁ ଅନୁରୋଧ କରି ଲିଫ୍ଟ ମାଗି ଯାଉଥିଲେ। ପଦ୍ମନାଭପୁର ଟୋଲ ଗେଟ ନିକଟରେ ଛିଡ଼ା ହୋଇଥିବା ଏକ ସ୍କର୍ପିଓ ପଛରେ ବାଇକ୍ ପିଟି ହେବାରୁ ୩ଜଣ ଛିଟକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ବସ୍ ସୁନୀଲଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଚୁନୁ ମୁର୍ମୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଲିଫ୍ଟ ଦେଇଥିବା ବାଇକ ଚାଳକ ଭୟରେ ବାଇକ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ବୈଶିଙ୍ଗା ପୋଲିସ ତଦନ୍ତ ଜାରି ରଖିଛି।

### ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ଖଇରା, ୪।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଖଇରା ବ୍ଲକର ଗଣ୍ଡିବେଡଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ଥାନୀୟ ବଜାର କମିଟି ସମ୍ପାଦକ ଅଭିମନ୍ୟୁ ରାଉଳଙ୍କ ପୌରୋହିତ୍ୟରେ ଲଙ୍କେଶ୍ୱର ମନ୍ଦିର ସମ୍ମୁଖରେ ଆୟୋଜିତ ଶୋକ ସଭାରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କ ପାଇଁ ବାବା ଲଙ୍କେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯିବା ସହ ଆରୋଗ୍ୟ କାମନା କରାଯାଇଥିଲା। ସେହିଭଳି ଖଇରା ବ୍ଲକର ସିଂହପୁର ଏବଂ ସାରୁଗାଁରେ ଆଖିବୁଜିଥିବା ଟାଟା ପାୱାର ୨ କର୍ମଚାରୀଙ୍କ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ବଜାର ବାସିନ୍ଦା ପଦ୍ମଲୋଚନ ଜେନା, ଶିବାନୀ ମହାନ୍ତି, ରବୀନ୍ଦ୍ର ମହାନ୍ତି ଓ ମଧୁସୂଦନ ଜେନା ପ୍ରମୁଖ ଉପସ୍ଥିତ ହୋଇ ଉକ୍ତ ଘଟଣାର କିଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ମନ୍ଦିରରେ ପ୍ରାର୍ଥନା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ବନ୍ତ/ଭଦ୍ରକ ଅଫିସ,୪।୬(ଡି.ଏନ୍.ଏ.)- ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଗୋପୀନାଥପୁର ଗ୍ରାମର ସାମାଜିକ କର୍ମୀ, କଂଗ୍ରେସର ବରିଷ୍ଠ ନେତା ଦୋଳଗୋବିନ୍ଦ ମହାପାତ୍ର(୬୩)ଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବରପାଇ ସରପଞ୍ଚ ସବିତାରାଣୀ ନାୟକ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ନାୟକ, ଗଙ୍ଗାଧର ପତି, ରବି ନାରାୟଣ ମହାନ୍ତି, ଉମେଶ ସାହୁ, ସତ୍ୟବାନ ଦାସ, ପଞ୍ଚାୟତ ବିଜେଡି ସଭାପତି ଗୋବିନ୍ଦ ସାହୁ, କରୁଣାକର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଲୋକଶକ୍ତିର ସମ୍ପାଦକ ରବି ରାୟ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ପୂର୍ବତନ ସରପଞ୍ଚ ରାମନାରାୟଣ ରାୟ ଓ ପୃଥ୍ୱୀରାଜ ଦାସ ଶୋକବ୍ୟକ୍ତ କରିଛନ୍ତି। ବଡ଼ପୁଅ ନୃସିଂହ ମୁଖାଗ୍ନି ଦେଇଥିଲେ।

# ଏମ୍‌ପିଙ୍କ ଦ୍ୱାରା ଖାଦ୍ୟ ବଣ୍ଟନ



ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଖାଦ୍ୟ ବଣ୍ଟନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୪।୬**

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଗତ ଶୁକ୍ରବାର ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ଓ ଆହତ ହୋଇଥିବା ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପହଞ୍ଚି ଚିକିତ୍ସାର ବ୍ୟବସ୍ଥା ତଦାରଖ କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ସହଯୋଗ କରିଥିଲେ। ଏଥିସହ ବିଭିନ୍ନ ସାମାଜିକ ସଙ୍ଗଠନ ଦ୍ୱାରା ବଣ୍ଟାଯାଉଥିବା ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସହଯୋଗ କରିଥିଲେ।

# ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ନେତୃମଣ୍ଡଳୀ

**ରାଇବଣିଆ, ୪।୬**

ବାହାନଗାଠାରେ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଳେଶ୍ୱର ବ୍ଲକ୍ ଖୁଆଡ଼ ଗ୍ରାମର ହରେନ୍ଦ୍ର ପାତ୍ର ଏବଂ ରୁହିୟା ଟୁଡୁଙ୍କ ପରିବାରକୁ ଭେଟିଛନ୍ତି ଜଳେଶ୍ୱର ବିଜେଡ଼ିର ନେତୃମଣ୍ଡଳୀ। ମୃତ ପରିବାର ବର୍ଗଙ୍କୁ ଭେଟି ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ସେମାନେ କିପରି ସରକାର ଦେଉଥିବା ଅନୁକମ୍ପା ମୂଳକ ସହାୟତ ରାଶିକୁ ଶୀଘ୍ର ପାଇପାରିବେ ସେନେଇ ପ୍ରତିଶ୍ରୁତି ଦେଇଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ଶବ ସତ୍କାର ପାଇଁ ୩ହଜାର ଟଙ୍କା ପଞ୍ଚାୟତ ତରଫରୁ ପ୍ରଦାନ କରାଯାଇଛି। ଉକ୍ତ ନେତୃମଣ୍ଡଳୀରେ ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା, ବ୍ଲକ ଉପାଧକ୍ଷ ସଞ୍ଚିତା ସେନାପତି, ବିଜେଡ଼ି ବ୍ଲକ ସଭାପତି ଦିଲ୍ଲୀପ ସାମଲ, ଜିଲା ପରିଷଦ ଅନୁଷୟା ପ୍ରଧାନ ଏବଂ ଖୁଆଡ଼ ପଞ୍ଚାୟତର ସରପଞ୍ଚ, ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବାକୁ ହାଫ୍ ମାରାଥନ



ମାରାଥନରେ ଯୋଗଦେଇଥିବା ଅତିଥିମାନେ।

**ଚମ୍ପୁଆ,୪।୬(ଡି.ଏନ୍.ଏ.)**

କ୍ରୀଡ଼ାକୁ ଆଗକୁ ଆଣିବା ଓ କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରିବା ନେଇ କାଶିପାଳ ଏସ୍.ପି ସ୍ପୋର୍ଟସ ଏକାଡ଼େମୀ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ହାଫ୍ ମାରାଥନ ଚମ୍ପୁଆ ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି। ଏକାଡ଼େମୀ ସଭାପତି ସୁନାରାମ ପୂର୍ତ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାରାଥନ ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା। ରାଜ୍ୟ, ରାଜ୍ୟ ବାହାରୁ ଧାବିକା ଧାବକମାନେ ଯୋଗଦେଇଥିବା ବେଳେ ୫କି.ମି. ଓ ୧୦ କି.ମି. ଦୌଡ଼ ଅନୁଷ୍ଠିତ ହୋଇଥିଲା। ୧୦କି.ମି. ମାରାଥନ ପୁରୁଷ ଦୌଡ଼ରେ ଅର୍ଜ୍ଜୁନ ଟୁଡୁ ପ୍ରଥମ, ଲକ୍ଷ୍ମଣ ସୋରେନ ଦ୍ୱିତୀୟ, ତାରକ ମାଣ୍ଡି ତୃତୀୟ ହୋଇଥିବା ବେଳେ, ମହିଳା ବିଭାଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ଜାମୁରା ମୁଣ୍ଡା ଦ୍ୱିତୀୟ ଓ ସୁକାନ୍ତି ଦରେଇ ତୃତୀୟ ହୋଇଥିଲେ। ଅନ୍ୟପକ୍ଷରେ ୫ କି.ମି. ଦୌଡ଼ରେ ପୁରୁଷ ବିଭାଗରେ ଲାଲୁ କୁଲଣ୍ଡିଆ ପ୍ରଥମ, ଲକ୍ଷ୍ମଣ ପୂର୍ତ୍ତି ଦ୍ୱିତୀୟ, ଚିରଞ୍ଜିବ ପୂର୍ତ୍ତି ଓ ମହିଳାରେ ନମସି ସମ୍ଭାଡ଼ ପ୍ରଥମ, ରାଜେଶ୍ୱରୀ ସିଂ ଦ୍ୱିତୀୟ ଓ ଚୁମକି ମୁଣ୍ଡା ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥିଭାବେ ଶ୍ରୀମନ୍ତ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଚମ୍ପୁଆ ଥାନା ସବ୍ ଇନ୍ସପେକ୍ଟର ଶାନ୍ତନୁ ଜେନା, ବିଡିଓ ଜ୍ୟୋତ୍ସ୍ନାରାଣୀ ନାଏକ, କାଉନ୍‌ସିଲର ଛତ୍ରପତି ନାଏକ, ମୋତିଲାଲ ସିଂ ଲାଗୁରୀ, ଇଂ. ଡାକା ହୋତା, ରାମରାୟ ମୁଣ୍ଡେଇ, ରଘୁନାଥ କାଲେଣ୍ଡିଆ ଓ ଆବିଦ ଆନସାରୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରିଥିଲେ।

# ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ରକ୍ତଦାନ ଶିବିର

**ବାରିପଦା ଅଫିସ,୪।୬**

ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ରକ୍ତର ଆବଶ୍ୟକତାକୁ ଲକ୍ଷ୍ୟ କରି ଓଡ଼ିଶା ବ୍ଲଡ଼ ବ୍ୟାଙ୍କ, ବାରିପଦା ପରିସରରେ ନାରାୟଣ ସେବା ଟ୍ରଷ୍ଟ ଓ ଆମେ ଦୁଃଖରେ ସାଥୀ ଅନୁଷ୍ଠାନର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ୮ ମହିଳାଙ୍କ ସମେତ ମୋଟ ୮୦ ଜଣ ରକ୍ତଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମଥର ରକ୍ତଦାନ କରିଥିବାର ଲକ୍ଷ୍ୟ କରାଯାଇଥିଲା। ନାରାୟଣ ସେବା ଟ୍ରଷ୍ଟର ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ବସନ୍ତ କୁମାର ମହାପାତ୍ର, ରାଜେଶ ନନ୍ଦି, ପ୍ରତାପେଶ୍ୱର ଦାଶ, ରଣଜିତ ଦାସ, ବିଜୟଲକ୍ଷ୍ମୀ ନାୟକ, ମାନୀ ଗିରି, ତପସ୍ୱିନୀ ପଣ୍ଡା, ସୁମିତା ଚୌବେ, ଇନ୍ଦୁ ମହାନ୍ତି, ପିଙ୍କି ମହାନ୍ତି, ମମତାଜ ପରବିନ, ଯଶୋଦା ରାଣୀ ଦାସ ତଥା ଆମେ ଦୁଃଖରେ ସାଥି ସଂସ୍ଥାର ରବୀନ୍ଦ୍ର ଦଳେଇ, ବିନୋଦ କୁମାର ଜେନା, ରାକେଶ ପୃଷ୍ଟି, ସୋନା ସିଂ, ବିକାଶ ମହାଭୋଇ ଓ ସୁବ୍ରତ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ରକ୍ତ ଭଣ୍ଡାର ଅଧିକାରୀ ସୌମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରାଯାଇଥିଲା।

# ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ୨ ମୃତ

## ବାହାନଗା ଟ୍ରେନ ଦୁର୍ଘଟଣା

**ବାଙ୍ଗିରିପୋଷି,୪।୬(ଡିଏନଏ)**

ବାହାନଗା ଟ୍ରେନ ଦୁର୍ଘଟଣାରେ ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ୨ ଜଣଙ୍କ ମୃତ୍ୟୁ ହୋଇଛି। ନାଫ୍ରି ପଞ୍ଚାୟତ ଆନ୍ଦୋଳା ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ଜଗଦିଶ କେନ୍ଦ୍ରାପଡାଠାରେ ଡିପ୍ଲୋମା ପଢୁଥିଲେ। ସେ ବାଲେଶ୍ୱରରୁ ଟ୍ରେନ ଧରି କଟକରେ ଓହ୍ଲାଇ କେନ୍ଦ୍ରାପଡା ଯାଇଥାନ୍ତେ। ହେଲେ ଟ୍ରେନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ରବିବାର ଜଗଦିଶଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଥିଲା। ସେହିପରି ଶୋରିଷପାଳ ପଞ୍ଚାୟତ ଘଟିଡୁବା ଗ୍ରାମର ଶଙ୍କର ମାରଣ୍ଡିଙ୍କର ମଧ୍ୟ ଉକ୍ତ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ତାମିଲନାଡୁକୁ ଦିନ ମଜୁରୀଆ ଭାବେ କାମ କରିବାକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପୁତୁରା ଶଙ୍କର ମାରାଣ୍ଡି ମୃତଦେହ ଚିହ୍ନଟ କରିଥିଲେ। ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଆସୁଥିବା ପରିବାର ଲୋକେ କହିଛନ୍ତି।

# ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଯାତ୍ରା

**ଜଳେଶ୍ୱର, ୪।୬(ଡି.ଏନ.ଏ.)**

ଗତ ୨ ତାରିଖରେ ବାହାନଗା ରେଳ ଷ୍ଟେଶନଠାରେ କରମଣ୍ଡଳ ଓ ଯଶୋବନ୍ତପୁର–ହାୱାର୍ଡ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଓ ଚିକିତ୍ସାଧୀନ ବ୍ୟକ୍ତିଙ୍କ ଆରୋଗ୍ୟ କାମନା କରି ଜଳେଶ୍ୱରର ଦିଗମ୍ବରୀ ଦେବୀ ଗ୍ରୁପ ଅଫ ଇନଷ୍ଟିଟ୍ୟୁଶନ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦିଗମ୍ବରୀ ଦେବୀ ଅନୁଷ୍ଠାନରୁ ବାହାରି ଏହି ନୀରବ ଶୋଭାଯାତ୍ରା ଷ୍ଟେଶନ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

**ତେଲକୋଇ,୪।୬(ଡି.ଏନ୍.ଏ.)**

ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ଡାକରାରେ ବିର୍ଷାମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ତେଲକୋଇ ଶାଖା ପକ୍ଷରୁ ୪ ଦଫା ଦାବି ନେଇ ଶନିବାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି, ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା, ଅଙ୍ଗନବାଡ଼ିରେ ଶିକ୍ଷାର ପ୍ରଚଳନ ଓ ପ୍ରାଥମିକ ବିଦ୍ୟାଳୟରେ ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ନିଯୁକ୍ତି ଦାବି ହୋଇଥିଲା। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ଜୀବନ ସିଂ ମୁନ୍ଦୁୟା, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲା ହୋ ସମାଜର ସାଧାରଣ ସମ୍ପାଦକ ନାରଣ ପୂର୍ତ୍ତି, ଘନଶ୍ୟାମ ପାଟ ପିଙ୍ଗୁଆ, ପାଙ୍ଗେଲା ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ବାଗୁନ ଚାମ୍ପିଆ, ଦୁର୍ଗାଚରଣ ପିଙ୍ଗୁଆ, ଘନଶ୍ୟାମ ବାରି, ସୁକାନ୍ତି ଦିଗି, ଜାନୁୟାରୀ ସୁଣ୍ଡି ପ୍ରମୁଖ ସାମିଲ ଥିଲେ।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ରୂପସା, ୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଜଣେ ମହିଳା ରବିବାର ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଗ୍ରାମର ଶାନ୍ତିଲତା ହାଁସଦା (୩୪) ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାରିବାରିକ କଳହ ଲାଗି ରହିଥିଲା। ତେବେ ଉକ୍ତ ପାରିବାରିକ କଳହ ଯୋଗୁ ମାନସିକ ଭାରସାମ୍ୟ ହରାଇ ରବିବାର ଶାନ୍ତିଲତା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡ଼ିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ପଦ୍ମପୁର, ୪।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତ ରାଉତସାହିର ଗୌରାଙ୍ଗ ବାରିକ(୩୫)ଙ୍କ ମୃତଦେହ ରବିବାର ପୋଖରୀରୁ ପୋଲିସ ଜବତ କରିଛି। ସେ ଶନିବାର ରାତିରେ ରାଜଘରପୋଖରୀ ବଜାରରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ରବିବାର ପୋଖରୀରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୩) ରୁଜୁ କରିଛି।

# ଜୀବନବୀମା ନିଗମ ପକ୍ଷରୁ ଆହତଙ୍କୁ ଖାଦ୍ୟ ବଣ୍ଟନ



**ଭଦ୍ରକ ଅଫିସ/ସ୍ୱ.ପ୍ର., ୪।୬**

ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ ଭଦ୍ରକ ଜିଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୪୦ଜଣ ଯାତ୍ରୀଙ୍କୁ ଜୀବନ ବୀମା ନିଗମ ଭଦ୍ରକ ଶାଖା ପକ୍ଷରୁ ସହାୟତା ପୂର୍ବକ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ବରିଷ୍ଠ ପ୍ରବନ୍ଧକ (ପ୍ରଶାସନ) ଶ୍ରୀଧର ସେଠୀଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ଅଧିକାରୀ ଅଜିତ କୁମାର ମିଶ୍ର, ଶ୍ରୀକାନ୍ତ ପଟ୍ଟନାୟକ, ଆଶିଷ କୁମାର ରାଉତ, ଆର୍ତ୍ତତ୍ରାଣ ପଣ୍ଡା, ବରିଷ୍ଠ କର୍ମଚାରୀ ପୀତବାସ ନାଥ, ଚନ୍ଦ୍ରମୋହନ ହେମ୍ବ୍ରମ, ଜଳଧର ଜେନା, ଗୋବର୍ଦ୍ଧନ ପଣ୍ଡା, ନରେଶ ବେହେରା ଓ ଡ. ଦେବରାଜ ପାଣିଗ୍ରାହୀ ସହାୟତା କରିଥିଲେ।

# ଯୁବ କଂଗ୍ରେସର ମହମବତି ଶୋଭାଯାତ୍ରା

**କେନ୍ଦୁଝର,୪।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିବା ହୃଦୟ ବିଦାରକ ଟ୍ରେନ୍ ଦୁର୍ଘଟଣାରେ ସମସ୍ତ ମୃତକଙ୍କ ଉଦେଶ୍ୟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏବଂ ଆହତମାନଙ୍କ ନିମନ୍ତେ ଆଶୁ ଆରୋଗ୍ୟ କାମନା କରି ଜିଲା ଯୁବ କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା କରାଯାଇଛି। ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ସ୍ଥାନୀୟ କଂଗ୍ରେସ ଭବନରୁ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରାରେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ଇଂ ବିନୋଦ ବିହାରୀ ନାୟକ, ଜିଲା କଂଗ୍ରେସ ଉପସଭାପତି ବସନ୍ତ ଦାସ, ପିସିସି ସଭ୍ୟ ଲଳିତ ମୋହନ ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସୁଜଳ ସେଠୀ, ଚିତ୍ତରଞ୍ଜନ ପରିଡା, ସୌମ୍ୟରଞ୍ଜନ ରାଉତ, ଅମିତ ଅନୁପମ ରାଉତ, ବାବୁନୁ ରାଉତ, ସଂଗ୍ରାମ ବେହେରା, ଅଭିଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

**ଭୋଗରାଇ, ୪।୬(ଡି. ଏନ. ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତଲାଡି ଗ୍ରାମରେ ଜନ୍ମିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଭୋଗରାଇର ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ୟାରୀମୋହନ ଦାସଙ୍କ ୧୧୦ତମ ଜୟନ୍ତୀ ଅବସରରେ ଜଳେଶ୍ୱର–ଚନ୍ଦନେଶ୍ୱର ରାସ୍ତା ନେଗୁଆ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିସଭା କରାଯାଇଛି। ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀଙ୍କ ଝିଅ ଏବଂ ପ୍ୟାରୀମୋହନ ଫାଉଣ୍ଡେଶନର ପ୍ରତିଷ୍ଠାତା ଅପର୍ଣ୍ଣା ମହାପାତ୍ର, ପୁତ୍ର ସିଦ୍ଧାର୍ଥ ମହାପାତ୍ର, ଶିକ୍ଷାବିତ୍ ଉତ୍ସବ କର, ପଙ୍କଜାକ୍ଷ ପଣ୍ଡା, ସନ୍ତୋଷ କୁମାର ପାତ୍ର, ଶିକ୍ଷକ ନେତା ରାଜେନ୍ଦ୍ର ବିକାଶ ପାତ୍ର, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଭାଜପା ନେତା ସୁନୀଲ କୁମାର କର, ରାଜକୁମାର ଦାସ, ଆଇନଜୀବୀ ଭୁବନାନନ୍ଦ ଦାସଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ଆଦର୍ଶ ଓ ସଂଗ୍ରାମୀ ଜୀବନକୁ ପାଥେୟ କରି ଆଗାମୀ ପିଢ଼ି ଶପଥ ନେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ୟାରୀମୋହନ ସେବା ପରିଷଦର ସୁପାରିଶରେ କ୍ୟାନ୍ସରରେ ପୀଡିତ ସୋମାରାଣୀ ପ୍ରଧାନଙ୍କୁ ରେଡକ୍ରସ ତରଫରୁ ୧୦,୦୦୦ ଟଙ୍କା ଏବଂ ଟ୍ରଷ୍ଟ ତରଫରୁ ୨, ୦୦୦ ଟଙ୍କା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଥିଲା।

# ଦୀପ ଜାଳି ଶ୍ରଦ୍ଧାଞ୍ଜଳି




ଦୀପ ଜାଳି ରେଳ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି।

**ନୀଳଗିରି, ୪।୬(ସ୍ୱ.ପ୍ର.)**

ବାହାନଗାଠାରେ ହୋଇଥିବା ଟ୍ରେନ ଦୁର୍ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ରବିବାର ସୁଦ୍ଧା ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେବି ବାଲେଶ୍ୱର ଜିଲାର ବିଭିନ୍ନ ହସ୍ପିଟାଲ ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କଟକ ଓ ଭୁବନେଶ୍ୱରର ଅନେକ ସରକାରୀ ଓ ଘରୋଇ ହସ୍ପିଟାଲରେ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ପାଇଁ ଶିଶିର ମହାପାତ୍ର ଫାଉଣ୍ଡେଶନ ତରଫରୁ ରବିବାର ସନ୍ଧ୍ୟାରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଦୀପଜାଳି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସବ୍ୟସାଚୀ ମହାପାତ୍ର, ଶରତ ଦାସ, ଅକ୍ଷୟ ପାଣିଗ୍ରାହୀ, ଚିନ୍ମୟ ରାଉତ, କମଳାକାନ୍ତ ମୁଖି, ରାଜେନ୍ଦ୍ର ପାତ୍ର, ସନ୍ତୋଷ ମହାପାତ୍ର, ନିଗମ ରାଉତ, ସୁଧାରଞ୍ଜନ ମହାପାତ୍ର, ଡମ୍ବରୁଧର ବେହେରା, ପ୍ରତାପ ସେଠୀ, ସତ୍ୟଜିତ ପ୍ରଧାନ, ରମେଶ ଚନ୍ଦ୍ର ପାତ୍ର ଓ ନିଗମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ କଂଗ୍ରେସ ପ୍ରତିନିଧିମଣ୍ଡଳୀ

**ଭଦ୍ରକ ଅଫିସ, ୪।୬**

ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଯାତ୍ରୀମାନଙ୍କୁ ରବିବାର ଭେଟିଛି କଂଗ୍ରେସର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏମ୍‌ପି ଅଧିର ରଞ୍ଜନ ଚୌଧୁରୀ, ରାଜ୍ୟ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର, ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ନବଜ୍ୟୋତି ପଟ୍ଟନାୟକ, ରାଜ୍ୟ ଛାତ୍ର ପ୍ରଭାରୀ ଅନୁଲେଖା ବସା, ରାଜ୍ୟ ଛାତ୍ର ସଭାପତି ୟାସିର ନୱାଜ, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀ ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ମାନସ ଚୌଧୁରୀ, ମନୋଜ ବିଶ୍ୱାଳ ପ୍ରମୁଖ ଚିକିତ୍ସାଧୀନ ୩୭ ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଦୁର୍ଘଟଣା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ସେମାନେ ମତପ୍ରକାଶ କରିଥିଲେ। ନଗର ସଭାପତି ଅବଦୁଲ ମୋକିତ ଖାଁ, ପୀତବାସ ଧଳ, ରାଜୀବ ଗାନ୍ଧୀ ସେବା ସଙ୍ଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଧାମନଗର ବ୍ଲକ ସଭାପତି ଅଭିଷେକ ରାଉତ, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ ଓ ବିଜୟ ବାରିକ ପ୍ରତିନିଧିମଣ୍ଡଳୀରେ ସାମିଲ ଥିଲେ।

# ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି


ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ବିଜେ ହୋଇଥିବା ଚତୁର୍ଦ୍ଧାମୂର୍ତ୍ତି।


କେନ୍ଦୁଝରେ ବଳଦେବଜୀଉଙ୍କ ଗଜାନନ ବେଶ।


ନୀଳଗିରିରେ ମହାପ୍ରଭୁଙ୍କ ଗଜାନନ ବେଶ।

ବାରିପଦା ଅଫିସ,୪।୬– ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ରବିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ନୀତିକାନ୍ତିରେ ଶେଷ ହୋଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ୫ଟା୩୦ ପରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ଛାଡ଼ି ସ୍ନାନମଣ୍ଡପକୁ ପହଣ୍ଡି ବିଜେ କରିଥିଲେ। ଭକ୍ତ ଓ ଭଗବାନଙ୍କ ମିଳନରେ ବଡ଼ଦାଣ୍ଡ ଉତ୍ସବମୁଖର ହୋଇପଡ଼ିଥିଲା। ଶନିବାର ରାତି ୯ଟା ସମୟରେ ସେବାୟତ ଓ ପୂଜକଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଗୋଟି ପହଣ୍ଡିରେ ରତ୍ନ ସିଂହାସନରୁ ଅଣାଯାଇ ଗମ୍ଭୀରା ଭିତରେ ରଖି ସେନାପଟା ଲାଗି କରାଯାଇଥିଲା। ଭୋର ୪ଟାରୁ ମଙ୍ଗଳ ଆଳତୀ ପରେ ମହାପ୍ରଭୁ ପହଣ୍ଡିଆ ସେବକଙ୍କ ଦ୍ୱାରା ସ୍ନାନମଣ୍ଡପକୁ ବିଜେ କରିଥିଲେ। ୧୦୮ଗରା ସୁବାସିତ ଜଳ, ଚନ୍ଦନ, କର୍ପୂର, ତୁଳସୀ ଓ କସ୍ତୁରୀ ଆଦି ଜଳରେ ସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଚନ୍ଦନ ଚୂଳିଆ ବେଶ ଓ ସନ୍ଧ୍ୟାରେ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ଗୋଲେଇଠାରୁ ଥାନା ଛକ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

ନୀଳଗିରି, ୪।୬(ସ୍ୱ.ପ୍ର.)–ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା, ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ରବିବାର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ସ୍ନାନମଣ୍ଡପକୁ ଅଣାଯାଇଥିଲା। ମହାସ୍ନାନ ପରେ ମହାପ୍ରଭୁ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସାଧାରଣତଃ ବର୍ଷରେ ଥରୁଟିଏ ମହାପ୍ରଭୁ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ଦର୍ପଣ ସ୍ନାନ କରାଯାଏ।

ଏହି ଅବସରରେ ସକାଳେ ସେନାପଟା, ରାଜନୀତି ବନ୍ଦାପନା, ପୁଷ୍ପାଞ୍ଜଳି, ଡୋରଲାଗି ପରେ ଆରମ୍ଭ ହୋଇଥିଲା ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ଛେରାପହଁରା ନୀତି ସରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଧାଡ଼ି ପହଣ୍ଡିରେ ଆସି ସ୍ନାନମଣ୍ଡପରେ ବିରାଜିତ ହୋଇଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ମହାସ୍ନାନ ସମାପିତ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ରୋଷ ହୋମ, ସକାଳ ଧୂପ, ଗଜାନନ ବେଶ, ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ପରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି। ଯୁବରାଜ ଜନ୍ମେଜୟ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ବ୍ରହ୍ମା ପୁଣ୍ୟଶ୍ଲୋକ ନନ୍ଦ, ସରୋଜ କୁମାର ନନ୍ଦ, ରବିନ୍ଦ୍ର ମହାପାତ୍ର, ପ୍ରହରାଜ ହରିନାରାୟଣ ନନ୍ଦ, ଦେବେନ୍ଦ୍ର ନନ୍ଦ, ପୃଥୁନାଥ ଆଚାର୍ଯ୍ୟ, ବିରେଷ ଶତପଥି, ଦେବେନ୍ଦ୍ର ନାରାୟଣ ମିଶ୍ର, ହରିବନ୍ଧୁ କର, ଚାମର ସେବାୟତ, ଘଣ୍ଟୁଆ ଓ ଠାକୁର ମାହାଲର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦୁଝର,୪।୬(ସ୍ୱ.ପ୍ର.): କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜିଉଙ୍କ ସ୍ନାନଯାତ୍ରା ପାଳିତ ହୋଇଯାଇଛି। ଶ୍ରୀ ଜିଉଙ୍କୁ ସକାଳ ପୂଜାର୍ଚ୍ଚନା ପରେ ପହଣ୍ଡି କରି ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସେଠାରେ ବିଭିନ୍ନ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଅପରାହ୍ଣରେ ଶ୍ରୀ ଜିଉମାନଙ୍କ ଗଜ ବେଶ ଅନୁଷ୍ଠିତ ହୋଇଥିଲା। ତୁଳସୀ, ଅଁଳା ଆଦି ପତ୍ରରେ ଶ୍ରୀ ଜିଉଙ୍କୁ ସଜ୍ଜିତ କରାଯାଇ ପରେ ସ୍ନାନ ବେଦୀରେ ପୂଜାର୍ଚ୍ଚନା କରାଯାଇଛି। ଶ୍ରୀ ଜିଉଙ୍କ ଗଜ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ଭକ୍ତଙ୍କ ସୁରକ୍ଷା ଓ ଶ୍ରୀଜିଉଙ୍କ ଦର୍ଶନ ପାଇଁ ମନ୍ଦିର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଆଦର୍ଶ ମେଧା ଅନ୍ୱେଷଣ ପ୍ରତିଯୋଗିତା

କୋଡ଼ପଡ଼ା,୪।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘସିପୁରା ଆଦର୍ଶ ସେବା ସଂଘ ପକ୍ଷରୁ ଉପଖଣ୍ଡସ୍ତରୀୟ ମେଧା ଅନ୍ୱେଷଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସଂଘ ସଭାପତି ଯଜ୍ଞ ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନକମଞ୍ଜରୀ ବାଳ ଶିକ୍ଷା ସଂସ୍ଥାନଠାରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୩୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗଦେଇଥିଲେ। ବିଭିନ୍ନ ବିଭାଗରେ ସାଧାରଣ ଜ୍ଞାନ, ମାନସାଙ୍କ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚଳିତ ବର୍ଷ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୪୦ କୃତୀ ପ୍ରତିଯୋଗୀଙ୍କୁ ଆଦର୍ଶ ରଜ ଉତ୍ସବରେ ପୁରସ୍କୃତ କରାଯିବା ନେଇ ସୂଚନା ମିଳିଛି। ପ୍ରତିଯୋଗିତାରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଧର ମହାରଣା, ମନମୋହନ ଦାଶ, ସଂଗ୍ରାମ ପରିଡ଼ା, ରବୀନ୍ଦ୍ର ସାହୁ, ଶ୍ରୀଲୋଚନ ପୁହାଣ ପ୍ରମୁଖ ନିରୀକ୍ଷକ ଭାବେ ଯୋଗଦେଇଥିଲେ। ସଂଘ ପକ୍ଷରୁ ଉପସଭାପତି ଧବଳେଶ୍ୱର ସାହୁ, ଯୁବ ନାଟ୍ୟ ନିର୍ଦ୍ଦେଶକ ରାଜକିଶୋର ସାହୁ, ସୌମ୍ୟରଞ୍ଜନ ସାହୁ, ମାନସ ସାହୁ, ରାଜେଶ ସାହୁ, ମନୋଜ ସାହୁ, ସତ୍ୟବ୍ରତ ସାହୁ, ବଳରାମ ସାହୁ, ସୁଶାନ୍ତ ସାହୁ, ବିଜୟ ବେହେରା, ଦାମୋଦର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସଂଘ ସଭାପତି ଯଜ୍ଞ ପ୍ରସାଦଙ୍କ ସଂଯୋଜନାରେ ବାଲେଶ୍ୱର ଟ୍ରେନ ଦୁର୍ଘଟଣାର ମୃତକଙ୍କ ଉଦ୍ଦେଶ୍ୟରେ ୨ ମିନିଟ ଶୋକସଭା କରାଯାଇଥିଲା।


ବାହାନଗା ଟ୍ରେନ ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।


ମେଶିନ ଦ୍ୱାରା ବଗି ସ୍ଥାନାନ୍ତର ସହ ରେଳ ଧାରଣା ମରାମତି କରାଯାଉଛି। (ଫଟୋ– ଅରୂପ ଦାସ)

## ଆହତଙ୍କୁ ଭେଟିଲେ ଦୁଇ କେନ୍ଦ୍ରମନ୍ତ୍ରୀ


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଜଣେ ଆହତଙ୍କ ସହ କଥା ହେଉଛନ୍ତି।

ଭଦ୍ରକ ଅଫିସ, ୪।୬

ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଯାତ୍ରୀମାନଙ୍କୁ ରବିବାର ଦୁଇ କେନ୍ଦ୍ରମନ୍ତ୍ରୀ ଭେଟିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିକିତ୍ସାଧୀନ ୩୭ ଯାତ୍ରୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସୁସ୍ଥ ହେବା ପରେ ଯାତ୍ରୀମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରେଳ ବିଭାଗର ୨ କର୍ମଚାରୀଙ୍କୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଓ ସେମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାରେ ସହଯୋଗ କରିଥିବା ଭଦ୍ରକର ସମସ୍ତ ସ୍ୱେଚ୍ଛାସେବୀ ଓ ଡାକ୍ତରଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ପରିଦର୍ଶନ ବେଳେ ଉପଜିଲାପାଳ ମନୋଜ କୁମାର ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ର, ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଜିଲା ସଭାପତି ହେମନ୍ତ ପାଢ଼ୀ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭାଜପା ନେତା ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକ, ଜଗନ୍ନାଥ ଦାସ, ମନସ୍ମିତା ଖୁଣ୍ଟିଆଙ୍କ ସହ ରେଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲେଶ୍ୱର ଜିଲା ଚିକିତ୍ସାଳୟରେ ଏମ୍ସ ଡାକ୍ତରୀ ଟିମ୍

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ପରେ ରବିବାର ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ଏମ୍ସରୁ ୧୨ଜଣିଆ ଡାକ୍ତରୀ ଟିମ୍ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ଏମ୍ସ ଡାଇରେକ୍ଟରଙ୍କ ନିର୍ଦ୍ଦେଶକ୍ରମେ ୧୨ଜଣିଆ ଡାକ୍ତରୀ ଟିମ୍ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛୁ ବୋଲି ଏମ୍ସ ଡା. ସରୋଜ କୁମାର ମଜୁମ୍‌ଦାର କହିଛନ୍ତି। ଚିକିତ୍ସା କ୍ଷେତ୍ରରେ ଏମ୍ସର କ'ଣ ସାହାଯ୍ୟ ଦରକାର ସେନେଇ ଫକୀରମୋହନ ମେଡ଼ିକାଲ କଲେଜର ଡିନ୍ ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ସାକ୍ଷାତ କରି ଆଲୋଚନା କରିଛୁ। ସର୍ଜରୀ ଓ ଅର୍ଥପେଡ଼ିକ୍ ୱାର୍ଡ଼ ବୁଲିଛୁ। ସମସ୍ତ ରୋଗୀ ଭଲ ଅଛନ୍ତି। ଗୁରୁତରମାନଙ୍କୁ କଟକ ଏସ୍‌ସିବି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ମଧ୍ୟ ଏମ୍ସ ଡାକ୍ତରୀ ଦଳ ନିୟୋଜିତ ରହି ସାହାଯ୍ୟ କରୁଛନ୍ତି। ବାଲେଶ୍ୱରରେ ସମସ୍ତ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇଛି। ଯେଉଁମାନେ ସୁସ୍ଥ ହୋଇଛନ୍ତି ପରିବାର ଲୋକେ ଆସିବା ପରେ ଘରକୁ ଯିବା ପାଇଁ ଅପେକ୍ଷା କରିଛନ୍ତି। ଆଉ ଅଳ୍ପ କେତେଜଣ ସାମାନ୍ୟ ଗୁରୁତର ଅଛନ୍ତି ସେମାନଙ୍କ ଚିକିତ୍ସା ମଧ୍ୟ ଠିକ୍‌ଠାକ୍ ଚାଲିଛି। ଡିନ୍ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛୁ। ଜଣେ ରୋଗୀଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କର ସିଟି ସ୍କାନ୍ ପାଇଁ ପଠାଯାଇଛି। ମସ୍ତିଷ୍କରେ ଆଘାତ ଲାଗିଛି କି ନାହିଁ ଜଣାପଡ଼ିଲେ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯିବ ପ୍ରକାଶ କରିଥିଲେ।



ଏମ୍ସ ଡା. ସରୋଜ କୁମାର ମଜୁମ୍‌ଦାର ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ସୂଚନା ଦେଉଛନ୍ତି।

## ଡାକ୍ତରଖାନାରେ ମନ୍ତ୍ରୀ, ବିଧାୟକ

ବାଲେଶ୍ୱର ଅଫିସ, ୪।୬

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଗତ ଶୁକ୍ରବାର ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ଓ ଆହତ ହୋଇଥିବା ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଭାବେ ଚିକିତ୍ସିତ ହେଉଛନ୍ତି କି ନାହିଁ ରବିବାର ଗଣଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏବଂ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଦିବସବ୍ୟାପୀ ଚିକିତ୍ସାଳୟରେ ରହି କାର୍ଯ୍ୟକୁ ତଦାରଖ କରିଥିଲେ। ମୃତାହତଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ସେମାନଙ୍କ ଲୋକଙ୍କ ଚିହ୍ନଟ ପାଇଁ ବ୍ୟବସ୍ଥା କରିଥିଲେ। ହେଲ୍‌ପ ଡେସ୍କ ମାଧ୍ୟମରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଠିକ୍ ସୂଚନା ଦେବା ସହ ସେମାନଙ୍କୁ ସହଯୋଗର ହାତ ବଢ଼ାଉଥିବା ଦେଖିବାକୁ ମିଳିଥିଲା।


ଜିଲା ମୁଖ୍ୟ ଚିକିତ୍ସାଳୟରେ ମନ୍ତ୍ରୀ ଓ ବିଧାୟକ ତଦାରଖ କରୁଛନ୍ତି।

## କାନ୍ଦ ବୋବାଳିରେ ଫାଟି ପଡ଼ିଲା ଗାଁ

### ପହଞ୍ଚିଲା ମୃତଦେହ

ମୋରଡ଼ା,୪।୬(ଡି.ଏନ.ଏ.)

ବାହାନଗା ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ପୁଟୁକିଶୋଳ ଗ୍ରାମର କୀର୍ତ୍ତନ ସି ଓ ଭରତ ଦାସଙ୍କ ମୃତଦେହ ଗାଁରେ ପହଞ୍ଚିଛି। ରୋଜଗାରିଆ ପୁଅଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ କାନ୍ଦ ବୋବାଳିରେ ଫାଟି ପଡ଼ିଛି ଗାଁ। କାମ ଅନ୍ୱେଷଣରେ ଗ୍ରାମର ସତ୍ୟନାଥ ପାଟବନ୍ଧା ଏବଂ ବ୍ରହ୍ମାକାନ୍ତ ଦାସଙ୍କ ସହ କରମଣ୍ଡଳ ଏକ୍ସପ୍ରେସରେ ସେମାନେ ଚେନ୍ନାଇ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ କୀର୍ତ୍ତନ ଓ ଭରତଙ୍କ ମୃତଦେହ ଗାଁକୁ ଫେରିଥିବା ବେଳେ ସତ୍ୟନାଥ ଓ ବ୍ରହ୍ମାକାନ୍ତଙ୍କ ଖୋଜଖବର ମିଳି ପାରିନାହିଁ। ସେମାନଙ୍କୁ ଖୋଜି ବାହାର କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

## ଦାଦନ ଖଟିବାକୁ ଯାଉଥିଲେ, ଶବ ହୋଇ ଫେରିଲେ

ଢେଙ୍କିକୋଟ,୪।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧୀନ ସାନ୍ତରାପୁର ପଞ୍ଚାୟତ ରଘୁବେଡ଼ାର ଜଣେ ଯୁବକଙ୍କ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ଗ୍ରାମର ବିନୋଦ ନାୟକଙ୍କ ପୁଅ ଭୁବନ ନାୟକ(୩୮)। ସେ କରମଣ୍ଡଳ ଏକ୍ସପ୍ରେସରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଚେନ୍ନାଇ ଯାଉଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ସ୍ତ୍ରୀଙ୍କୁ ଏକ ଘରୋଇ ନର୍ସିଂ ସେଣ୍ଟରରେ କାମ କରିବା ପାଇଁ ବାଲେଶ୍ୱରରେ ଛାଡ଼ି କରମଣ୍ଡଳରେ ଚେନ୍ନାଇ ଯାଉଥିଲେ। ବାଲେଶ୍ୱରରୁ ଚଢ଼ିବାର କିଛି ସମୟ ମଧ୍ୟରେ କରମଣ୍ଡଳ ବାହାନଗାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ତାଙ୍କ ସ୍ତ୍ରୀ, ଶାଶୁ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗ୍ରାମର ଅଭିମନ୍ୟୁ ନାୟକ, ସମ୍ପର୍କୀୟ ହିମାଂଶୁ ଶେଖର ସିଂହ, ସୁଦାମ ଚରଣ ମହାନ୍ତ ବାଲେଶ୍ୱର ଯାଇ ଭୁବନ ନାୟକଙ୍କ ଆଧାରକାର୍ଡ ଦେଖାଇ ମୃତଦେହ ଖୋଜିଥିଲେ। ୧୫୨ ନଂ. ମୃତଦେହ ଭୁବନଙ୍କ ହୋଇଥିବା ଚିହ୍ନଟ କରି ପ୍ରଶାସନକୁ ଠିକ୍ ପ୍ରମାଣପତ୍ର ଦେଖାଇ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ରବିବାର ସକାଳେ ଗ୍ରାମକୁ ଆଣିଥିଲେ। ଘଟଗାଁ ବ୍ଲକ୍‌ର ଅତିରିକ୍ତ ବିଡିଓ ଚିତ୍ତରଞ୍ଜନ ନାୟକ, ସାନ୍ତରାପୁର ସରପଞ୍ଚ ବବିତା ସିଂହ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳମଣି ଜେନା, ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ, ଜିଲା ଯୁବ ବିଜେଡି ଉପସଭାପତି ସେକ ଇମ୍ରାନ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।


ଭୁବନ ନାୟକ।

## ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ଯୋଡ଼ା,୪।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପରିସରରେ ରବିବାର ଅପରାହ୍ଣରେ ବାହାନଗା ରେଳ ଦୁର୍ଘଟଣାରେ ମୃତକମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ନଗରପାଳ ଜଗଦୀଶ ପ୍ରସାଦ ସାହୁଙ୍କ ନେତୃତ୍ୱରେ ସମସ୍ତ କାଉନ୍‌ସିଲର, ଅଞ୍ଚଳର ବୁଦ୍ଧିଜୀବୀ, ଅନେକ ଖବରଦାତା ଉପସ୍ଥିତ ଥିଲେ।


ଯୋଡ଼ା ପୌରପାଳିକା ଅଧ୍ୟକ୍ଷ, କାଉନ୍‌ସିଲର ଓ ଅନ୍ୟମାନେ।

